| ଓଡ଼ିଆ (ହିନ୍ଦି ଓ ଇଂରାଜୀ ସହିତ) |
|---|
| **ଶିକ୍ଷକ:** Hello, students.<br><br>**ଛାତ୍ରଛାତ୍ରୀମାନେ:** Hello, sir.<br><br>**ଶିକ୍ଷକ:** Good afternoon.<br><br>**ଛାତ୍ରଛାତ୍ରୀମାନେ:** Good afternoon, sir.<br><br>ଧାରାବିବରଣୀ:<br><br>ଏହି ମାଧ୍ୟମିକ ବିଦ୍ୟାଳୟରେ, ଜଣେ ଇଂରାଜୀ ଶିକ୍ଷକ ବଡ଼ ଶ୍ରେଣୀରେ ପରୀକ୍ଷାମୂଳକ ଭାବେ ବିଭିନ୍ନ ପ୍ରକାରର ଅଣ ଆନୁଷ୍ଠାନିକ ଆକଳନ ପଦ୍ଧତି ବ୍ୟବହାର କରିଥାନ୍ତି।<br><br>**ଶିକ୍ଷକ:** Today, we are going to know ‘structure of sentences’.<br><br>Sentence का ढाँचा भी हम लोग समझेंगे। And direct and indirect objects. OK? Understand?<br><br>**ଛାତ୍ରଛାତ୍ରୀମାନେ:** Yes, sir.<br><br>ଧାରାବିବରଣୀ:<br><br>ଶିକ୍ଷକ ବୁଝାଇ ଦିଅନ୍ତି ଯେ, ପ୍ରତ୍ୟେକ ଅଧ୍ୟାୟ ଶେଷରେ ଛାତ୍ରଛାତ୍ରୀମାନେ ଅଧ୍ୟାୟ ବୁଝିପାରିଛନ୍ତି କି ନା ଜାଣିବା ପାଇଁ ସେ ଛଦ୍ମ ନାମରେ ମତାମତ ଅନୁରୋଧ କରିବେ। ଯାହା ଦ୍ୱାରା ଏହି ଉପାୟରେ ଛାତ୍ରଛାତ୍ରୀ କଣ ଶିକ୍ଷାଲାଭ କରିଛନ୍ତି ମୂଲ୍ୟାୟନ କରିପାରିବେ।<br><br>**ଶିକ୍ଷକ:** हमें क्या-क्या समझ में आ गया? तीसरा क्या लिखेंगे? पूरी तरह से समझ नहीं पाए। बिना नाम लिखे, जब आपका ये class खत्म हो जाएगा, तो इस डिब्बे में डालेंगे। ये तुम्हारी परीक्षा ही नहीं है, बल्कि क्या है? हमारी भी परीक्षा है, कि हम समझा पा रहे हैं, आप समझ पा रहे हैं, या नहीं?<br><br>ଧାରାବିବରଣୀ:<br><br>ପୂର୍ବ ଅଧ୍ୟାୟରେ, ଛାତ୍ରଛାତ୍ରୀ ଦୁଇଟି କାର୍ଡ ତିଆରି କରିଥିଲେ: ଗୋଟିଏ ଟିକ୍ ଚିହ୍ନ ସହିତ ଏବଂ ଅନ୍ୟଟି ଛକି ସହିତ।<br>ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଯଦି ସେମାନେ ଉତ୍ତର ଠିକ୍ ବୋଲି ଭାବୁଛନ୍ତି, ଟିକ୍ ଚିହ୍ନ ଉପରକୁ ଉଠାଇ ଧରିବାକୁ ଏବଂ ଯଦି ଭୁଲ୍ ଭାବୁଛନ୍ତି ଛକିଚିହ୍ନକୁ ଉପରକୁ ଉଠାଇ ଧରିବାକୁ କୁହନ୍ତି। ଏହି ଉପାୟରେ ଶ୍ରେଣୀ ଚାରିପଟେ ନଜର ବୁଲାଇ ସେ ପିଲାମାନେ ବୁଝିପାରୁଛନ୍ତି କି ନାହିଁ ତୁରନ୍ତ ଜାଣିପାରିବେ। ଯଦି ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଡଗୁଡିକ ଦେଖିପାରିବେ, ସେମାନେ ସହପାଠୀଙ୍କ ସହିତ ସେମାନଙ୍କ ଉତ୍ତର ତୁଳନା କରିପାରିବେ।<br><br>**ଛାତ୍ରଛାତ୍ରୀ ୧:** ‘Mohan’ is the subject. Verb... ‘drives’. ‘A car’ - object.<br><br>**ଶିକ୍ଷକ:** Right! Mostly... students... showing card ‘right’! |

**ଛାତ୍ରଛାତ୍ରୀ ୨:** Sir, subject... 'my father'.

**ଶିକ୍ଷକ:** My father.

**ଛାତ୍ରଛାତ୍ରୀ ୨:** Verb है... 'sold to', sir, 'his car' object है।

**ଶିକ୍ଷକ:** Is she right or wrong?

ଧାରାବିବରଣୀ:

ତାହା ପରେ ଛାତ୍ରଛାତ୍ରୀମାନେ ଇଂରାଜୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ ବସ୍ତୁ ଉପରେ ଭାଷାର ଅଭ୍ୟାସ କରିବେ। ସେମାନଙ୍କୁ ଦଳରେ ବିଭକ୍ତ କରିଦିଆଯାଇଛି ଏବଂ ବାକ୍ୟ ଗଠନ ପାଇଁ ଯେଉଁ ଶବ୍ଦ ବ୍ୟବହାର କରିବେ ତାହାର କାର୍ଡ ଦିଆଯାଇଛି। ଧ୍ୟାନ ଦିଅନ୍ତୁ ଯେ ଶିକ୍ଷକ କିପରି ଛାତ୍ରଛାତ୍ରୀଙ୍କୁ ଇଂରାଜୀ ବ୍ୟବହାର କରିବାକୁ ଉତ୍ସାହିତ କରିବା ପାଇଁ ହିନ୍ଦି ବ୍ୟବହାର କରୁଛନ୍ତି, ଏବଂ ସେମାନଙ୍କର ବୁଝିବା ଓ ଅଂଶଗ୍ରହଣ ତଦାରଖ କରୁଛନ୍ତି।

**ଶିକ୍ଷକ:** एक लड़का लिखेगा। दो लोग जो हैं, यदि गलत है, तो उसे सही करेंगे।

**ଛାତ୍ରଛାତ୍ରୀମାନେ:** नहीं... एक side… एक side.

**ଛାତ୍ରଛାତ୍ରୀ ୩:** 'Sam' - subject, 'draws' - verb, 'a picture' is object.

'Sita' - subject, 'bought me' - verb, 'a dress' - object.

**ଶିକ୍ଷକ:** पहले जो हमने questions दिए थे, इसका answer आप लिखिए।

ଧାରାବିବରଣୀ:

ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଇଁ ଛଦ୍ମ ନାମରେ ମତାମତ ଦେବାର ସମୟ। ଶିକ୍ଷକ ଏହାକୁ ବ୍ୟବହାର କରି, ପରବର୍ତ୍ତୀ ଇଂରାଜୀ ପାଠ ପାଇଁ ଯୋଜନା କରିବେ।

**ଶିକ୍ଷକ:** लिखा तो, answer तो लिखिए। Drop into this box, and go silently, one by one.

ଶିକ୍ଷକ ସାକ୍ଷାତକାର:

ମୋ ଆକଳନ ଅନୁଯାୟୀ, ଶତକଡ଼ା ସତୁରୀରୁ ପଞ୍ଚସ୍ତରୀ ଭାଗ ଛାତ୍ରଛାତ୍ରୀ ଏହି ଅଧ୍ୟାୟର ମୁଖ୍ୟ ବିଷୟଗୁଡିକ ବୁଝିପାରିଛନ୍ତି।

ଛାତ୍ରଛାତ୍ରୀ ୪ ସାକ୍ଷାତକାର:

Sir ने पर्चे लिखवाए हैं। यह अच्छा तरीका था। इससे पता चल जाएगा कि, कितने बच्चों को समझ में आया है और कितनों को नहीं। जैसे पर्चियों में लिखा होगा अधिकतर बच्चों ने, जिन्हें समझ में आया होगा उन्होंने जरूर लिखा होगा, और जिन्हें नहीं समझ में आया होगा, उन्होंने नहीं लिखा होगा।

ଶିକ୍ଷକ ସାକ୍ଷାତକାର:

ମୋ ଛାତ୍ରଛାତ୍ରୀଙ୍କ ମତାମତ ମୁଁ ଯାହା ଆଶା କରୁଥିଲି ପ୍ରାୟ ସେହିପରି। ଯଦିବା ମୋର ଅଧିକାଂଶ ଛାତ୍ରଛାତ୍ରୀ ଇଂରାଜୀରେ ପ୍ରତ୍ୟକ୍ଷ ଓ ପରୋକ୍ଷ ବସ୍ତୁ କିପରି ଭାବରେ ବ୍ୟବହାର କରାଯାଏ ତାହା ବୁଝି ସାରିଛନ୍ତି ,ଶତକଡ଼ା ୨୦ ରୁ ୨୫ ଭାଗ କହିଛନ୍ତି ଯେ ସେମାନଙ୍କର ଏହା ବୁଝିବା ନେଇ ଅସୁବିଧା ରହିଛି। ମୁଁ ସେମାନଙ୍କୁ ମୋର ଶିକ୍ଷାଦାନରେ ପରିବର୍ତ୍ତନ କରି ବୁଝିବାରେ ସାହାଯ୍ୟ କରିବି ଏବଂ ମୋର

ପରବର୍ତ୍ତୀ ଅଧ୍ୟାୟରେ ଅଧିକ ମାର୍ଗଦର୍ଶନ ସାମିଲ କରିବି।

ଧାରାବିବରଣୀ:

ଶିକ୍ଷକ ଏପରି ପ୍ରକାରର ଆକଳନ ପଦ୍ଧତି ବ୍ୟବହାର କରିଛନ୍ତି ଯାହାକି ଛାତ୍ରଛାତ୍ରୀଙ୍କୁ ବିଚଳିତ କରେ ନାହିଁ ବା ବାଧା ଦିଏ ନାହିଁ। ଏହିପରି ଚିନ୍ତାଧାରା ବ୍ୟବହାର କରି ଆପଣ କିପରି ଛାତ୍ରଛାତ୍ରୀମାନଙ୍କୁ ଆପଣ ପଢ଼ାଇଥିବା ପାଠର ଶିକ୍ଷଣକୁ ନିଜେ ନିଜେ ଆକଳନ କରିବାକୁ ଉତ୍ସାହିତ କରିବେ?